SAMBAD
ସମ୍ବାଦ
୧୯ ଶୁକ୍ରବାର, ୮ ଏପ୍ରିଲ୍ ୨୦୧୬,

# ଭୁବନେଶ୍ୱର ଆଇଆଇଟିରେ ଖୋଲିଲା ୫ ନୂଆ ପାଠ୍ୟକ୍ରମ

## ୮୦ ଆସନ ବଢ଼ିଲା

ଭୁବନେଶ୍ୱର,୭।୪(ଇମିସ): ୨୦୧୬-୧୭ ଶିକ୍ଷାବର୍ଷ ପାଇଁ ଭୁବନେଶ୍ୱର ଆଇଆଇଟିରେ ୫ଟି ନୂଆ ପାଠ୍ୟକ୍ରମ ଖୋଲିଛି। ଫଳରେ ପୂର୍ବରୁ ବି.ଟେକ୍‌ର ୫ ବିଭାଗର ୧୮୦ ଆସନ ପାଇଁ ନାମଲେଖା ହେଉଥିବାବେଳେ ଏଥର ନୂଆ ପାଠ୍ୟକ୍ରମର ଆଉ ୮୦ ଆସନ ପାଇଁ ନାମଲେଖା ହେବ। ଏନେଇ ଆଇଆଇଟି କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ, ଇଲେକ୍‌ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନ ଇଞ୍ଜିନିୟରିଂରେ ୪ ବର୍ଷିଆ ବି.ଟେକ୍ ପାଠ୍ୟକ୍ରମ ଖୋଲିଛି। ଏଥିରେ ୪୦ ଆସନ ପାଇଁ ନାମଲେଖା ହେବ। ସେହିପରି ବି.ଟେକ୍ ଏବଂ ଏମ୍.ଟେକ୍‌ର ମେକାନିକାଲ ଏବଂ ସିଭିଲ୍ ବିଭାଗ ପାଇଁ ୪ଟି ବିଭାଗ ଖୋଲିଛି। ଏହା ୫ ବର୍ଷିଆ ଡୁଆଲ୍ ଡିଗ୍ରି ପାଠ୍ୟକ୍ରମ। ପ୍ରତି ପାଠ୍ୟକ୍ରମରେ ୧୦ଟି ଲେଖାଏ ଆସନ ରହିଛି। ଯେଉଁଥିରେ ଛାତ୍ରଛାତ୍ରୀ ନାମ ଲେଖାଇପାରିବେ। ଏହି ସିଟ୍ ସଂଖ୍ୟା ବୃଦ୍ଧି ଦ୍ୱାରା ଏବେ ଭୁବନେଶ୍ୱର ଆଇଆଇଟିରେ ଆସନ ସଂଖ୍ୟା ୨୬୦ରେ ପହଞ୍ଚିଛି। ଜେଇଇ ଆଡଭାନ୍ସଡ୍-୨୦୧୬ରେ କୃତକାର୍ଯ୍ୟ ହେବାକୁ ଥିବା ଛାତ୍ରଛାତ୍ରୀ ଉପରୋକ୍ତ ପାଠ୍ୟକ୍ରମରେ ନାମଲେଖାଇବେ ବୋଲି ଆଇଆଇଟି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।